# NATIONAL NEWS BULLETIN (ODIA)
## 18 March - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଲୋକସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ପଶ୍ଚିମବଙ୍ଗ ପୁଲିସ ମହାନିର୍ଦ୍ଦେଶକ ଓ ୬ଟି ରାଜ୍ୟର ଘରୋଇ ସଚିବ ମାନଙ୍କୁ ହଟେଇ ଦେଇଛି ।
- ଦିଲ୍ଲୀରେ ୧ କୋଟି ୪୭ ଲକ୍ଷ ମତଦାତା ୭ଟି ଲୋକସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀମାନଙ୍କୁ ନିର୍ବାଚିତ କରିବାକୁ ମତଦାନ କରିବେ ।
- ମୁସଲିମ୍ କନଫରେନ୍ସ ଜାମ୍ମୁ-କାଶ୍ମୀର ଭଟ୍ଟ ଗୋଷ୍ଠୀ ଓ ସୁମ୍‌ଜି ଗୋଷ୍ଠୀ ବେଆଇନ ସଂଗଠନ କି ନୁହେଁ ତାହାର ବିଚାର କରିବାକୁ କେନ୍ଦ୍ର ସରକାର ଏକ ଟ୍ରିବ୍ୟୁନାଲ ଗଠନ କରିଛନ୍ତି ।
- କୋଲକାତାର ଗାର୍ଡେନ ରିଚ୍ ଅଞ୍ଚଳରେ ଏକ ନିର୍ମାଣଧୀନ ଅଟ୍ଟାଳିକା ଭୁଶୁଡ଼ି ପଡ଼ିବାରୁ ଦୁଇଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୭ ଜଣ ଆହତ ହୋଇଛନ୍ତି ।

ଏବଂ

- ହକି ଇଣ୍ଡିଆ ଆଗାମୀ ଅଷ୍ଟ୍ରେଲିଆ ଟୁର୍ ପାଇଁ ୨୭ ସଦସ୍ୟ ବିଶିଷ୍ଟ ଭାରତୀୟ ପୁରୁଷ ଟିମ୍‌ର ଘୋଷଣା କରିଛି।

## ଇସିଆଇ ହୋମ୍ ସେକ୍ରେଟାରିଜ୍

ଲୋକସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ପଶ୍ଚିମବଙ୍ଗ ପୁଲିସ ମହାନିର୍ଦ୍ଦେଶକ ଓ ୬ଟି ରାଜ୍ୟର ଘରୋଇ ସଚିବ ମାନଙ୍କୁ ହଟେଇ ଦେଇଛି। ଖବର ଅନୁସାରେ, ଗୁଜରାତ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର ଘରୋଇ ସଚିବମାନଙ୍କୁ ହଟାଯାଇଛି। ହିମାଚଳ ପ୍ରଦେଶ ଓ ମିଜୋରାମର ସାଧାରଣ ପ୍ରଶାସନ ବିଭାଗ ସଚିବ ମାନଙ୍କୁ ମଧ୍ୟ ବଦଳି କରାଯାଇଛି। ବ୍ରିହନ ମୁମ୍ବାଇ ପୌର କମିଶନର ଇକ୍‌ବାଲ ସିଂ ଚହଲ ଓ ଅତିରିକ୍ତ କମିଶନର ଏବଂ ଡେପୁଟି କମିଶନର ମାନଙ୍କୁ ହଟା ଯିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛି।

## ଓ୍ୱେଷ୍ଟବେଙ୍ଗଲ-ଡିଜିପି-ଆଇଜିପି ଟ୍ରାନ୍ସଫର

ପଶ୍ଚିମବଙ୍ଗ **DGP** ଓ **IGP** ଙ୍କୁ ନିର୍ବାଚନ ସହ ଜଡ଼ିତ ନଥିବା ବିଭାଗକୁ ବଦଳି କରିବାକୁ ନିର୍ବାଚନ କମିଶନ ରାଜ୍ୟ ସରକାରଙ୍କୁ କହିଛି। ତାଙ୍କ ସ୍ଥାନରେ ଆଉ ଜଣେ ବରିଷ୍ଠ ଅଫିସରଙ୍କୁ **DGP** ଭାବେ ନିଯୁକ୍ତି ଦେବାକୁ କମିଶନ କହିଛି। ପଶ୍ଚିମବଙ୍ଗରେ ଏପ୍ରିଲ ୧୯ ତାରିଖରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ରାଜ୍ୟରେ ୭ଟି ପର୍ଯ୍ୟାୟରେ ନିର୍ବାଚନ ସମ୍ପନ୍ନ ହେବ। ଇତିମଧ୍ୟରେ ପଶ୍ଚିମବଙ୍ଗ **DGP** ଓ **IGP** ରାଜୀବ କୁମାର

ପଦରୁ ହଟିବା ପରେ ବିବେକ ସହାୟଙ୍କୁ ନୂଆ **DGP** ଓ **IGP** ନିଯୁକ୍ତ କରାଯାଇଛି। ରାଜୀବ କୁମାରଙ୍କୁ **IT** ଓ ଇଲେକଟ୍ରୋନିକ୍ସ ବିଭାଗକୁ ପଠାଯାଇଛି।

# ଦିଲ୍ଲୀ– ଲୋକସଭା ପୋଲ୍

ଦିଲ୍ଲୀରେ ୧ କୋଟି ୪୭ ଲକ୍ଷ ଭୋଟର ୭ଟି ଲୋକସଭା ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀମାନଙ୍କୁ ନିର୍ବାଚିତ କରିବେ। ମୋଟ୍ ଭୋଟରମାନଙ୍କ ମଧ୍ୟରେ ୮୦ ଲକ୍ଷ ପୁରୁଷ ଥିବାବେଳେ ୬୭ ଲକ୍ଷ ମହିଳା ରହିଛନ୍ତି। ମେ’ ୨୫ ତାରିଖରେ ଦିଲ୍ଲୀର ୭ଟି ଯାକ ଲୋକସଭା ଆସନରେ ମତଦାନ ହେବ। ଏଥିପାଇଁ ଆସନ୍ତା ମାସ ୨୯ ତାରିଖରେ ବିଜ୍ଞପ୍ତି ଜାରି ହେବ ଓ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ ମେ’ ମାସ ୬ ତାରିଖ ରହିବ। ପ୍ରାର୍ଥୀପତ୍ର ପ୍ରତ୍ୟାହାର ର ଶେଷ ଦିନ ମେ’ ମାସ ୯ ତାରିଖ ରହିବ। ଦିଲ୍ଲୀର ୭ଟି ଯାକ ଆସନ ପାଇଁ ବିଜେପି ଏହାର ପ୍ରାର୍ଥୀ ନାମ ଘୋଷଣା କରିସାରିଛି। ବିଜେପି ଉପସ୍ଥିତ ୬ ଜଣ ସାଂସଦଙ୍କ ସ୍ଥାନରେ ନୂଆ ପ୍ରାର୍ଥୀ ଦେଇଛି। ଆମ୍ ଆଦ୍‌ମୀ ପାର୍ଟି  ଓ କଂଗ୍ରେସ ଲୋକସଭା ନିର୍ବାଚନ ପାଇଁ ମେଣ୍ଟ କରିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି ୪ଟି ଆସନରେ ପ୍ରାର୍ଥୀ ଛିଡ଼ା କରାଇଛି। କଂଗ୍ରେସ ୩ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଥିବାବେଳେ ପ୍ରାର୍ଥୀମାନଙ୍କର ନାମ ଏ ପର୍ଯ୍ୟନ୍ତ ଘୋଷଣା କରିନାହିଁ।

## ତେଲଙ୍ଗାନା- ଆକ୍ସନ ପ୍ଲାନ

ତେଲଙ୍ଗାନା ନିର୍ବାଚନ କର୍ତ୍ତୃପକ୍ଷ ମତଦାନ ପ୍ରତିଶତ ବୃଦ୍ଧି କରିବା ପାଇଁ ଏକ କ୍ରିୟାନୁଷ୍ଠାନ ଯୋଜନା ପ୍ରସ୍ତୁତ କରିଛନ୍ତି। ତେଲଙ୍ଗାନା ମୁଖ୍ୟ ନିର୍ବାଚନ ଅଫିସର ବିକାଶ ରାଜ କହିଛନ୍ତି, ୫ ହଜାର ଭୋଟ୍ ଗ୍ରହଣ କେନ୍ଦ୍ର ପାଇଁ କ୍ରିୟାନୁଷ୍ଠାନ ଯୋଜନା ପ୍ରସ୍ତୁତ କରାଯାଇଛି। ସେହି ଭୋଟଗ୍ରହଣ କେନ୍ଦ୍ର ଗୁଡ଼ିକରେ ମତଦାନ ପ୍ରତିଶତ କମ୍ ରହିଥାଏ। ହାଇଦ୍ରାବାଦରେ ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ **CEO** କହିଛନ୍ତି, ସେହି ସବୁ ଅଞ୍ଚଳର ଲୋକମାନଙ୍କୁ ସଚେତନ କରାଯାଉଛି।

## ହୋମ୍ ମିନିଷ୍ଟ୍ରି– ଟ୍ରିବ୍ୟୁନାଲ

ମୁସଲିମ୍ କନଫରେନ୍ସ ଜାମ୍ମୁ-କାଶ୍ମୀର ଭଟ୍ଟ ଗୋଷ୍ଠୀ ଓ ମୁସଲିମ୍ କନଫରେନ୍ସ ଜାମ୍ମୁ-କାଶ୍ମୀର ସୁମ୍‌ଜି ଗୋଷ୍ଠୀ ବେଆଇନ ସଂଗଠନ କି ନୁହେଁ ତାହାର ବିଚାର କରିବାକୁ କେନ୍ଦ୍ର ସରକାର ବେଆଇନ କାର୍ଯ୍ୟକଳାପ ନିବାରଣ ଟ୍ରିବ୍ୟୁନାଲ ଗଠନ କରିଛନ୍ତି। ଏହି ଟ୍ରିବ୍ୟୁନାଲରେ ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ନୀନା ବଂଶଲ କ୍ରିଷ୍ଣା ଅଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସେହି ଦୁଇ ସଂଗଠନକୁ ୫ ବର୍ଷ ପାଇଁ ବେଆଇନ୍ ସଂଗଠନ ଭାବେ ନିଷେଧ କରିଛି। ସେହି ସଂଗଠନ ଗୁଡ଼ିକ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ରହିବା ସହ ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ସମର୍ଥନ କରୁଥିବାର ମନ୍ତ୍ରଣାଳୟ କହିଛି।

# ପିଏମ୍-ଶିବମୋଗା ରାଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଂଗ୍ରେସର ସମାଲୋଚନା କରିଛନ୍ତି। ସେ କହିଛନ୍ତି, କଂଗ୍ରେସ ଦୁର୍ନୀତି, ଲୁଟ୍ ଓ ତୁଷ୍ଟିକରଣରେ ଲିପ୍ତ ରହିଛି। ବିଜେପି ମଜଭୁତ ଭାରତ ଓ ବିକାଶ କରୁଛି। ସେ କହିଛନ୍ତି, ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରାଯାଇଛି ଓ ୭୫ ଲକ୍ଷ ଲୋକ ଆୟୁଷ୍ମାନ ଭାରତରୁ ଲାଭାନ୍ୱିତ ହୋଇଛନ୍ତି। ୪୦ ଲକ୍ଷ ଗରିବ ମହିଳା ଏଲ୍.ପି.ଜି. ଗ୍ୟାସ୍ କନେକସନ୍ ପାଇଛନ୍ତି। କର୍ଣ୍ଣାଟକରେ ୯ ଲକ୍ଷ ଲୋକ ଘର ପାଇଛନ୍ତି। ସେ କହିଛନ୍ତି, ତାଙ୍କ ଶାସନର ପରବର୍ତ୍ତୀ ୫ ବର୍ଷରେ ବାକି ଲୋକମାନେ ଅନ୍ୟ ସବୁ ସାମଜିକ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ହେବେ। ତାଙ୍କର ୧୦ ବର୍ଷ ଶାସନରେ ଦେଶ ଗ୍ରୀନ୍ କରିଡର, ଏକ୍ସପ୍ରେସ ୱେ, ବନ୍ଦେ ଭାରତ ଓ ନମୋ ଭାରତ ଟ୍ରେନ୍, ହାଇସ୍ପିଡ୍ ଇଣ୍ଟରନେଟ୍, ୟୁ.ପି.ଆଇ. ଓ ମେଟ୍ରୋ ସେବା ପାଇଁ ପରିଚୟ ଲାଭ କରିଛି।

# ସଙ୍ଗୀତା-ଆଜାଦ

ଉତ୍ତର ପ୍ରଦେଶରୁ ବି.ଏସ୍.ପି. ସାଂସଦ ସଙ୍ଗୀତା ଆଜାଦ ଓ ତାଙ୍କର ପତି ଆଜି ବିଜେପିରେ ଯୋଗ ଦେଇଛନ୍ତି। ପୂର୍ବତନ ବିଧାୟକ ଆଜାଦ ଅରି ମର୍ଦ୍ଦାନ ଓ ସୁପ୍ରିମକୋର୍ଟ ଓକିଲ ସୀମା କୁସ୍ୱାହ ମଧ୍ୟ ବିଜେପିରେ ଯୋଗ ଦେଇଛନ୍ତି।

# କୋଲକାତା-ବିଲ୍ଡିଂ

କୋଲକାତାର ଗାର୍ଡନ ରିଚ୍ ଅଞ୍ଚଳରେ ଏକ ନିର୍ମାଣଧୀନ ଅଟ୍ଟାଳିକା ଭୁଶୁଡ଼ି ପଡ଼ିବାରୁ ଦୁଇଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୭ ଜଣ ଆହତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆଜି ଦୁର୍ଘଟଣାସ୍ଥଳି ପରିଦର୍ଶନ କରିଛନ୍ତି। ବେଆଇନ ନିର୍ମାଣ ସହ ଯେଉଁମାନେ ଜଡ଼ିତ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କୋଲକାତା ପୁଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆହତ ମାନେ ଚିକିତ୍ସିତ ହେଉଥିବା ହସ୍‌ପିଟାଲକୁ ସେ ଗସ୍ତ କରିଛନ୍ତି। ସେ କହିଛନ୍ତି, ସେହି ଅଟ୍ଟାଳିକାଟି ଥିବା ସ୍ଥାନ ଏକ ଜନବହୁଳ ଅଞ୍ଚଳ ଓ ସେହି ଅଟ୍ଟାଳିକା ନିର୍ମାଣ ପାଇଁ ଅନୁମତି ଦିଆଯାଇ ନ ଥିଲା।

# ଆଇଜି-ଏନ୍‌ସିଏ ଫାଉଣ୍ଡେସନ୍ ଡେ’

ଇନ୍ଦିରାଗାନ୍ଧୀ ଜାତୀୟ କଳା କେନ୍ଦ୍ରର ୩୭ ତମ ପ୍ରତିଷ୍ଠା ଦିବସ ଆସନ୍ତାକାଲି ନୂଆଦିଲ୍ଲୀରେ ପାଳିତ ହେବ। ତିନିଦିନ ବ୍ୟାପୀ ଏହି ଉତ୍ସବ ସମୟରେ ଅନେକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ସେଗୁଡ଼ିକ ମଧ୍ୟରେ ଶାସ୍ତ୍ରୀୟ ସଙ୍ଗୀତ ଗାନ, ବାଦ୍ୟଯନ୍ତ୍ର କାର୍ଯ୍ୟକ୍ରମ, ନୃତ୍ୟ, ଫୁଲର ହୋଲି, କର୍ମଶାଳା ଓ ପ୍ରଦର୍ଶନୀ ରହିଛି। ସନ୍ଧ୍ୟା ୫ଟାରୁ ଲୋକମାନେ ଏହା ମଧ୍ୟକୁ ନିଶୁଳ୍କ ଯାଇପାରିବେ। ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ କଳାକେନ୍ଦ୍ରର ଚେୟାର ପର୍ସନ ପ୍ରଫେସର ରିଚା କାମ୍ବୋଜ କହିଛନ୍ତି, ପ୍ରଥମ

ଦିନରେ ବେହେଲା ବାଦକ ଆକାରାଇ ଭଗ୍ନିବୃନ୍ଦ ଓ ସରୋଦ ବାଦକ ଆୟାନ ଅଲ୍ଲୀ ବଙ୍ଗାସ ବାଦ୍ୟଯନ୍ତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ।

## କେକେ ବିର୍ଲା-ସରସ୍ୱତୀ ସମ୍ମାନ

ପ୍ରଖ୍ୟାତ କବି ପ୍ରଭା ବର୍ମା ୨୦୨୩ ପାଇଁ ସରସ୍ୱତୀ ସମ୍ମାନ ପାଇବାକୁ ମନୋନୀତ ହୋଇଛନ୍ତି । ମାଲାୟାଲାମ ଭାଷାରେ ତାଙ୍କ କାର୍ଯ୍ୟ ପାଇଁ ତାଙ୍କୁ ଏହି ପୁରସ୍କାର ଦିଆଯିବ ।  ମାଲାୟାଲାମ ଭାଷାରେ ତାଙ୍କ ଦ୍ୱାରା ରଚିତ 'ରୌଦ୍ର ସ୍ୱସ୍ତିକମ୍' କବିତା ପାଇଁ ଏହି ପୁରସ୍କାର ସେ ଲାଭ କରିବେ । ଏହାଛଡ଼ା ୨୦୧୩ରୁ ୨୦୨୨ ମଧ୍ୟରେ ସାହିତ୍ୟ ପ୍ରତି ତାଙ୍କର ଅବଦାନ ପାଇଁ ସେ ପୁରସ୍କୃତ ହେବେ । ପୁରସ୍କାର ବାବଦରେ ତାଙ୍କୁ ମାନପତ୍ର, ଫଳକ ଓ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ । 'ରୌଦ୍ର ସ୍ୱସ୍ତିକମ୍' ହେଉଛି ପ୍ରଭା ବର୍ମାଙ୍କର ଏକ କବିତା, ଯାହା ୨୦୨୨ରେ ପ୍ରକାଶିତ ହୋଇଥିଲା ।

## ମଷ୍ଟ ଆନାଉନ୍ସମେଣ୍ଟ

ଆମର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ୯ଟା ୩୦ମିନିଟ୍‌ରେ ଆମେ "Opportunities to grow business and enterprise by joining Government e-Market Place" ଶୀର୍ଷକ ଆଲୋଚନାର ପ୍ରଚାର କରିବୁ । ଗଭର୍ଣ୍ଣମେଣ୍ଟ ଇ-ମାର୍କେଟ୍ ପ୍ଲେସ୍ ସି.ଇ.ଓ ପ୍ରଶାନ୍ତ ସିଂହ ଆଲୋଚନାରେ ଭାଗନେବେ । କାର୍ଯ୍ୟକ୍ରମ ସମୟରେ

ଶ୍ରୋତାମାନେ ସେମାନଙ୍କ ପ୍ରଶ୍ନ ପଚାରିପାରିବେ । ଏଥିପାଇଁ ସେମାନଙ୍କୁ 011-2342-1050 ଓ 011-2331-4444 ନମ୍ବରକୁ ଡାଏଲ କରିବାକୁ ହେବ । ଏହାବ୍ୟତୀତ ସେମାନେ 92890-94044 ନମ୍ବରକୁ ହ୍ୱାଟ୍ସଆପ୍ ମେସେଜ୍ କରି ପ୍ରଶ୍ନ ପଚାରିପାରିବେ । ଏହି କାର୍ଯ୍ୟକ୍ରମ ନ୍ୟୁଜ୍ ଅନ୍ ଏୟାର ଡଟ୍ ଜି.ଓ.ଭି. ଡଟ୍ ଇନ୍ ଓ ନ୍ୟୁଜ୍ ଅନ୍ ଏୟାର ଅଫିସିଆଲରେ ଉପଲବ୍ଧ ହେବ ।

## ଲାମିତିଏ ଏକ୍ସରସାଇଜ୍-୨୦୨୪

ଭାରତୀୟ ସେନା ବାହିନୀ ଓ ସେସେଲ୍ସ ପ୍ରତିରକ୍ଷା ବାହିନୀ ମଧ୍ୟରେ ଦଶମ **ଲାମିତିଏ ମିଳିତ ସମରାଭ୍ୟାସ** ସେସେଲ୍ସ ଡିଫେନ୍ସ ଏକାଡେମୀ ଠାରେ ଆରମ୍ଭ ହୋଇଛି । ଏହି ଦ୍ୱିବାର୍ଷିକ ମିଳିତ ସମରାଭ୍ୟାସ ଆଜିଠାରୁ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ଦୁଇ ଦେଶର ପ୍ରତିରକ୍ଷା ବାହିନୀ ମଧ୍ୟରେ ସମନ୍ୱୟ ରକ୍ଷା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ । ୧୦ ଦିନ ବ୍ୟାପୀ ସମରାଭ୍ୟାସରେ ଫିଲ୍ଡ ଟ୍ରେନିଂ, ଲଢୁଆ କ୍ଷମତା ଓ ବକ୍ତବ୍ୟ କାର୍ଯ୍ୟକ୍ରମ ପ୍ରଭୃତି ସ୍ଥାନ ପାଇବ । ଲାମିତିଏ ଶବ୍ଦର ଅର୍ଥ ହେଉଛି ବନ୍ଧୁତା । ୨୦୦୧ ମସିହାରୁ ଦୁଇ ଦେଶ ମଧ୍ୟରେ ଏଭଳି ସମରାଭ୍ୟାସ ଚାଲିଆସୁଛି ।

## ହକି-ଅଷ୍ଟ୍ରେଲିଆ ଟୁର୍

ହକି ଇଣ୍ଡିଆ ଆଗାମୀ ଅଷ୍ଟ୍ରେଲିଆ ଟୁର୍ ପାଇଁ ୨୭ ସଦସ୍ୟ ବିଶିଷ୍ଟ ଭାରତୀୟ ପୁରୁଷ ଟିମ୍‌ର ଘୋଷଣା କରିଛି । ଏପ୍ରିଲ ୬ ତାରିଖରୁ

ଅଷ୍ଟ୍ରେଲିଆର ପର୍ଥ ଠାରେ ପ୍ରତିଯୋଗିତା ଆରମ୍ଭ ହେବ। ଭାରତୀୟ ଟିମ୍‌ର ନେତୃତ୍ୱ ହରମନପ୍ରୀତ ସିଂ ନେଉଥିବାବେଳେ ହାର୍ଦ୍ଦିକ ସିଂ ଭାଇସ କ୍ୟାପଟେନ ରହିବେ। ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପୂର୍ବରୁ ଭାରତୀୟ ଟିମ୍ ନିଜର କ୍ରୀଡ଼ା ଦକ୍ଷତା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଥିବାରୁ ଏହି ପ୍ରତିଯୋଗିତାକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ଭାରତ ଏପ୍ରିଲ ୬, ୭, ୧୦, ୧୨ ଓ ୧୩ ତାରିଖରେ ଏହାର ମ୍ୟାଚ୍ ଗୁଡ଼ିକ ଖେଳିବ।

# ଇଣ୍ଡିଆ-ୟୁଏସ୍ ଏକ୍ସରସାଇଜ୍

ଭାରତ ଓ ଆମେରିକା ମଧ୍ୟରେ ଏକ ଦ୍ୱିପକ୍ଷୀୟ ତିନିବାହିନୀ ମାନବୀୟ ସହାୟତା ଓ ଦୁର୍ବିପାକ ରିଲିଫ୍ ତାଲିମ ଅଭ୍ୟାସ କାର୍ଯ୍ୟକ୍ରମ **Tiger Triumph-24** ଆରମ୍ଭ ହୋଇଛି। ଏହା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ମାନବୀୟ ସହାୟତା ଓ ଦୁର୍ବିପାକ ରିଲିଫ୍ କାର୍ଯ୍ୟରେ ପରସ୍ପରକୁ ନିଜ ନିଜର କୌଶଳ ବିଷୟରେ ଅବଗତ କରାଇବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ। ଦୁଇ ଦେଶର ବାହିନୀ ଗୁଡ଼ିକ ମଧ୍ୟରେ ଷ୍ଟାଣ୍ଡାର୍ଡ ଅପରେଟିଙ୍ଗ ପ୍ରୋସିଜିଓର କୁ ସାବଲୀଳ କରିବା ମଧ୍ୟ ଏହାର ଅନ୍ୟତମ ଲକ୍ଷ୍ୟ। ଭାରତୀୟ ନୌବାହିନୀ ଜାହାଜ, ସେନାବାହିନୀ କର୍ମଚାରୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଆମେରିକାର ନୌବାହିନୀ ଜାହାଜ ଓ ଆର୍ମି ଯବାନମାନେ ଏଥିରେ ଅଂଶଗ୍ରହଣ କରୁଛନ୍ତି।